## ସଂକ୍ଷେପରେ

### ଜଟାବାଲ ଧାନ ମଣ୍ଡିର ଶୁଭାରମ୍ଭ

ପାପଡାହାଣ୍ଡି,୧୧।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମ୍ବୁଗୁଡ଼ାରେ ଶନିବାର ଧାନମଣ୍ଡିର ଶୁଭରମ୍ଭ ହୋଇଛି। ଲାମ୍ପସ ଏମ୍ଡି ଇସମାଇଲ ସନଫୁଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଲାମ୍ପସ ସଭାପତି ସଦାଶିବ ଭତରା ଅତିଥିଭାବେ ଯୋଗ ଦେଇଥିଲେ। ଆସନ୍ତା ଶନିବାରଠାରୁ ଜଟାବାଲ ମଣ୍ଡିରୁ ଧାନ କିଣାଯିବ ବୋଲି ଆରଏମ୍ସି ସୁପରଭାଇଜର ଶ୍ୟାମ ନାୟକ ସୂଚନା ଦେଇଛନ୍ତି। ସେହିପରି ପାପଡାହାଣ୍ଡି ଲାମ୍ପସ ଅଧୀନରେ ରହିଥିବା ପାପଡ଼ାହାଣ୍ଡି ମଣ୍ଡି ସୋମବାର, ମୋକିଆ ମଣ୍ଡି ମଙ୍ଗଳବାର, ଡ଼ଙ୍ଗରା ମଣ୍ଡି ବୁଧବାର ଆରମ୍ଭ ହେବ ବୋଲି ଲାମ୍ପସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତ। ଏହି ଅବସରରେରେ ଜଟାବାଲା ଚାଷୀ ଅବଦୁଲ ଜିଲ୍ଲାନି, କୈଳାସ ପାଣିଗ୍ରାହୀ, ଅବଦୁଲ ଦରବେଶ, ଶୈକ ଫାରୁକ, ଆଜାଦ ଉଲ୍ ହକ ଓ ଲାମ୍ପସ କର୍ମଚାରୀ ଅଶ୍ୱନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସାଧାରଣ ଧାନ କୁଇଣ୍ଟାଲ ପିଛା ୨୦୪୦

ରାଇଘର, ୧୧।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦମହକୁମାସ୍ଥିତ ଆର୍ଏମ୍ସି ପରିସରରେ ଶନିବାର ଧାନ ମଣ୍ଡି ଉଦ୍ଘାଟନ କାର୍ଯ୍ୟକ୍ରମ କରାଯାଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବ୍ଲକ ଅଧକ୍ଷା ନବୀନା ନାୟକ, ବିଡିଓ ଦେବାଶିଷ କର, ଏବିଡିଓ ବିଜୟ ସେଠୀ, ରାଇଘର ବ୍ଲକ ଏଇ ସିଦ୍ଧାର୍ଥ ରଣା, ବିକାଶ ପରିଷଦ ଅଧକ୍ଷ ଉପେନ୍ଦ୍ର ଗଣ୍ଡ, ଜିଲା ପରିଷଦ ଜୋନ୍-୧ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଜେନ୍-୨ ସଭ୍ୟ ନାନର ଖରା, ଜିଲ୍ଲା ପରିଷଦ ଉପଧକ୍ଷା ଲିପିକା ବରୋଇ, ସରପଞ୍ଚ ଲମ୍ବୋଦର ମାଝି, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଲ୍ୟାମ୍ପସ ସଭାପତି ରାଇସିଂ ଗଣ୍ଡ, ସନ୍ତୋଷ ମହାପାତ୍ର, ଶୁକଦେବ ଗଣ୍ଡ, ଶିବନାଥ ବାନାର୍ଜୀଙ୍କ ସମେତ ଯୋଗାଣ ଅଧିକାରୀ ଦୀପକ ପାତ୍ର, ଆର୍ଏମ୍ସିର ପେଶିଲାଲ ହଲୱା, ମହେଶ ହାଲୱା, ଭାଇରାମ୍ ହାଲୱା, ଲ୍ୟାମସ ଏମ୍ଡି ନିରାକାର ରାଉତ ଉପସ୍ଥିତ ଥିଲେ। ଅଖା ବସ୍ତାରେ ଧାନ ଆଣିଲେ ତାହାକୁ ଫେରାଇ ନେବୁ ନଚେତ୍ ବସ୍ତାର ଟଙ୍କା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଥିଲେ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୨୦୪୦ ଓ 'କ'ଶ୍ରେଣୀର ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଇଘରରେ ବୁଧବାର, ଶନିବାର, ଗୋନାରେ ଶୁକ୍ରବାର, ଯୋଡିଙ୍ଗା ରେ ମଙ୍ଗଳବାର, ହଟଭରାଣ୍ଡିରେ ଗୁରୁବାର, ମହଣ୍ଡରେ ସୋମବାର ମଣ୍ଡିରେ ଧାନ କିଣାଯିବ ବୋଲି ସ୍ଥିର ହୋଇଛି।

### ଅନାବିଳ ବନ୍ଧୁତ୍ୱର ନିଦର୍ଶନ 'ସରିଗଲା ପ୍ରେମ ରହିଗଲା ଦୁଃଖ'

ସେମିଳିଗୁଡା,୧୧।୧୨(ସ୍ୱ.ପ୍ର.)- କୋରପୁଟ ଜିଲା ପରଜାମୁଠାଇ ପଞ୍ଚାୟତ ସାଙ୍ଗମଗୁଡ଼ା ଗ୍ରାମରେ ସାମାଜିକ ନାଟକ 'ସରିଗଲା ପ୍ରେମ ରହିଗଲା ଦୁଃଖ' ମଞ୍ଚସ୍ଥ ହୋଇଯାଇଛି। ଦୁଇ ବନ୍ଧୁଙ୍କୁ ନେଇ ନାଟକର କାହାଣୀ ଗଢିଉଠିଛି। ସାଙ୍ଗମଗୁଡ଼ାରେ ରାମ ଆଉ ସତ୍ୟଜିତ ସାମନ୍ତରାୟ ନାମରେ ଦୁଇବନ୍ଧୁ ଥିଲେ। ସତ୍ୟଜିତଙ୍କ ପୁଅ ପୁଅ ଶଙ୍କର ଏବଂ ରାମଙ୍କ ପୁଅଥିଲେ ଅମର। ଗ୍ରାମର ଜଗବନ୍ଧୁଙ୍କ ଝିଅ ଥିଲେ ରୂପା। ଶଙ୍କର,ଅମର ଏବଂ ରୁପା କଲେଜରେ ଏକାଠି ପଢୁଥିଲେ। ଅମର ଏବଂ ରୂପା ପରସ୍ପରକୁ ଭଲ ପାଉଥିଲେ। ତେବେ ଶଙ୍କର ରୂପାଙ୍କୁ ଏକତରଫା ଭଲ ପାଉଥିଲେ। ରୂପା ଓ ଅମରଙ୍କୁ ଏକାଠି ଦେଖିଲେ ଶଙ୍କର ସହିପାରୁ ନ ଥିଲେ। ଅମର ପ୍ରତିଶୋଧ ନେବାକୁ ଯୋଜନା କରି ରୂପାଙ୍କ ବାପା ଦୀନବନ୍ଧୁଙ୍କ ସହ ଆଲୋଚନା କରି ରୁପାଙ୍କୁ ବିବାହ କରିଥିଲେ। ତେବେ ବିବାହ ନ ହେବ ପୂର୍ବରୁ ରୂପା ଗର୍ବବତୀ ଥିଲେ। ଗର୍ଭପାତ କରିବାକୁ ତାଙ୍କ ପରିବାର ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଏହି ଶିଶୁପୁତ୍ର କାହା ପାଖରେ ରହିଲା ସେନେଇ ସୃଷ୍ଟି ହୋଇଥିଲା ପ୍ରଶ୍ନବାଚୀ। ଅନାବିଳ ବନ୍ଧୁତ୍ୱର ବାର୍ତ୍ତା ବହନ କରୁଥିବା ଏହି ନାଟକର ଉଦଘାଟନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଉଗ୍ରସେନ ଚପାଡି, ଜଳେନ୍ଦ୍ର ଚପାଡି, ଲକ୍ଷ୍ମଣ ମୁଣ୍ଡାଗା, ଜୟରାମ ମୁଣ୍ଡାଗାଡ଼ିଆ, ଅନାଦି ଚପାଡି, ଗୋବିନ୍ଦ ସୁନାବେସିଆ, କୃଷ୍ଣ ଚପାଡି ଯୋଗ ଦେଇଥିଲେ ।

# ମଣ୍ଡେଇ ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଲା ଲୋକନୃତ୍ୟ

ନବରଙ୍ଗପୁର,୧୧।୧୨(ବି.ପ୍ର.)

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଓଡ଼ିଶୀ, କୋଲକାତାର ଝୁମର, ମହାରାଷ୍ଟ୍ରର କୋଲି, ଆସାମର ଭରତାଜ, ଗଞ୍ଜାମର ପଶୁମୁଖା, ଗଜପତିର ଗଜମୁହାଁ, ମୟୂରୀ, କଳାହାଣ୍ଡିର ବାଜାସାଇ ଓ ସ୍ଥାନୀୟ ଲୋକନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ି ଯୋଗଦେଇ ନବରଙ୍ଗପୁର ମାଟି ମହାନ, ଏହି କର୍ମଭୂମିକୁ ସଲାମ ବୋଲି କହିଥିଲେ। ମଣ୍ଡେଇରେ ଲୁକ୍କାୟିତ ପ୍ରତିଭା, ଲୁପ୍ତପ୍ରାୟ କଳା, ସଂସ୍କୃତିକୁ ମଞ୍ଚଦେଇ ଉତ୍ସାହିତ କରିବା ଓ ସମ୍ମାନୀତ କରିବା ଲକ୍ଷ୍ୟ ରହିଥିଲା। ଛୋଟରୁ ଆରମ୍ଭ ହୋଇ ଏବେ ଏହା ଲୋକ ମହୋତ୍ସବ ରୂପେ ପରିଚୟ ସୃଷ୍ଟି କରିପାରିଛି। ଜିଲା ସ୍ତରରୁ ରାଜ୍ୟ ସ୍ତରରେ ମଣ୍ଡେଇ ମାନ୍ୟତା ପାଇଛି। ପର୍ଯ୍ୟଟନ, ସଂସ୍କୃତି, କୃଷି ଓ ବିକାଶର ବାର୍ତ୍ତା ଦେଉଛି ମଣ୍ଡେଇ। ନବରଙ୍ଗପୁର ମକାଚାଷ ପାଇଁ ଭାରତରେ ନାଁ କରିଛି । ଏହି ଜିଲାର ଲାଖଶିଳ୍ପ ରାଜ୍ୟ ଓ ଦେଶରେ ପରିଚୟ ସୃଷ୍ଟି କରିଛି । ଅର୍ଥ ସବୁକିଛି ନୁହଁ, ସମ୍ମିଳିତ ହୋଇ କାର୍ଯ୍ୟ କଲେ ସମସ୍ତ କାର୍ଯ୍ୟ ସଫଳ ହୋଇ ପାରିବା। ଏହି ଜିଲା ସଂଗ୍ରାମୀ ଜିଲା ବୋଲି ପାଢ଼ି କହିବା ସହ ସଂଗ୍ରାମୀ ମାନଙ୍କୁ ମନେ ପକାଇଥିଲେ। ସେ ଜିଲାରେ ଥିବା ସମୟରେ ମଣ୍ଡେଇ ଆରମ୍ଭ ସମୟର ଅଧିକାରୀ ଓ ସହଯୋଗୀଙ୍କୁ ମଧ୍ୟ ମନେ ପକାଇଥିଲେ। ଏଥିସହ ଭଗବାନ ଆଗମୀ ଜନ୍ମ ଜଣେ ଆଦିବାସୀ ଘରେ ଦିଅନ୍ତୁ ବୋଲି ସେ କହିଥିଲେ। କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତାର ଯୋଗଦେଇ ନବରଙ୍ଗପୁର ଓ କୋରାପୁଟ ଭାଇ ଭାଇ ବୋଲି କହିଥିଲେ। ଏଠାକାର ସଂସ୍କୃତି ମହାନ । ମଣ୍ଡେଇ ଯେଉଁ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଛି ତାହା ସଫଳ ହେବାରେ ଲାଗିଛି ବୋଲି ସେ କହିଥିଲେ। କୋରାପୁଟ ଜିଲାରେ ପ୍ରୋବେଶନରେ ଥିବା ଆଇ.ଏ.ଏସ୍. ପି. ଅରବିନ୍ଦ ରାଜସିକେ ଉପସ୍ଥିତ ରହି ଏଠାକାର ସଂସ୍କୃତି ନିଆରା ବୋଲି କହିଥିଲେ। ମହାରାଷ୍ଟ୍ରକୁ ଯେମିତି ଘର ମାନିଛି ସେମିତି ଓଡ଼ିଶାକୁ ମଧ୍ୟ ଭଲପାଇବି ବୋଲି ସେ କହିଛନ୍ତି। ନବରଙ୍ଗପୁର ଏସ୍ପି. ଏସ. ସୁଶ୍ରୀ ଜିଲାର ଲୋକ ସଂସ୍କୃତିକୁ ରାଜ୍ୟ ଓ ରାଜ୍ୟ ବାହାରେ ପରିଚିତ କରାଇବା ଏହାର ଲକ୍ଷ ବୋଲି କହିଛନ୍ତି। ଜିଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ କହିଛନ୍ତି, ଏହିଭଳି କାର୍ଯ୍ୟକ୍ରମରେ ସମସ୍ତଙ୍କ ମଧ୍ୟରେ ସୁ ସମ୍ପର୍କ ରହିପାରିବ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ କମଳ ଲୋଚନ ମିଶ୍ର ସଭାପତିତ୍ୱ କରି ମଣ୍ଡେଇ ନବରଙ୍ଗପୁରର ରକ୍ତମଜ୍ଜା ବୋଲି କହିଛନ୍ତି। ଅତିରିକ୍ତ ଜିଲାପାଳ ଭସ୍କର ରୋଇତ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ନବରଙ୍ଗପୁର ଜିଲାପାଳ, ଏସ୍ପି, କୋରାପୁଟ ଜିଲାପାଳ ଓ ଅନ୍ୟ ମଞ୍ଚାସୀନ ଅତିଥି।



କଳାକାର ମାନେ ତାଲଖାଇ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରମୁଖ ଆକର୍ଷଣ ପଲ୍ଲିଶ୍ରୀ ମେଳା

ନବରଙ୍ଗପୁର,୧୧।୧୨(ବି.ପ୍ର.)

ଲୋକ ମହୋତ୍ସବ ମଣ୍ଡେଇ ସ୍ଥାନୀୟ ସସ୍କୃତି, ଲୋକକଳା ଏବଂ କଳାକାରଙ୍କୁ ପ୍ରୋତ୍ସାହିତ କରୁଛି। ଦ୍ୱିତୀୟ ସନ୍ଧ୍ୟାରେ ଜିଲାର ବିଭିନ୍ନ ଅଞ୍ଚଳର ଲୋକକଳା ଏବଂ ନୃତ୍ୟ ମନ ମୋହିଥିଲା। ଏହା ବ୍ୟତୀତ ମଣ୍ଡେଇରେ ପ୍ରମୁଖ ଆକର୍ଷଣ ହେଲା ପଲ୍ଲୀଶ୍ରୀ ମେଳା। ଚଳିତ ଥର ମେଳାରେ ୩୫୦ ଷ୍ଟଲ ମଧ୍ୟରୁ ୧୧୩ ଟିରେ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି) ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରି ହେଉଛି। ଜିଲା ସମେତ ଅନ୍ୟ ଜିଲା ଏବଂ ରାଜ୍ୟ ବାହାରୁ ହସ୍ତଶିଳ୍ପ, କୁଟୀର ଶିଳ୍ପ ମାଧ୍ୟମରେ ପ୍ରସ୍ତୁତ ସାମଗ୍ରୀ ଦେଖିବାକୁ ମିଳିଥିଲା। ବିଶେଷକରି ଆଦିବାସୀ ଅଳଙ୍କାର, କାଠ, ବାଉଁଶ କାରୁକାର୍ଯ୍ୟ, ଟେରାକୋଟା, ମଣ୍ଡେଇ ନାମରେ ନାମିତ ଧୂପକାଠି, ବାଲୁକାକଳା, ଚିତ୍ରକଳା, ସମ୍ବଲପୁରୀ ଶାଢ଼ୀ, କଶ୍ମୀର ଶୀତ ପୋଷାକ ଏବଂ ମଣ୍ଡିଆରେ ପ୍ରସ୍ତୁତ ପିଠା ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିଲା।



ପଲ୍ଲିଶ୍ରୀ ମେଳାରେ ମହିଳାଙ୍କ ଦ୍ୱାରା ମୃତ୍ତିକାରେ ପ୍ରସ୍ତୁତ ସାମଗ୍ରୀ ବିକ୍ରୀ କରାଯାଉଛି।



ପଲ୍ଲିଶ୍ରୀ ମେଳାରେ ଆଇଟିଡିଏ ପକ୍ଷରୁ ବିକାଶ ଓ ସଚେତନତାର ବାର୍ତ୍ତା ଦିଆଯାଉଛି ।

### ବିକାଶର ବାର୍ତ୍ତା ଦେଉଛି ସରକାରୀ ବିଭାଗ

ପଲ୍ଲୀଶ୍ରୀ ମେଳାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ମତ୍ସ୍ୟ ଓ ପଶୁପାଳନ, କୃଷି, ଉଦ୍ୟାନ କୃଷି, ଆଇସିଡିଏସ୍, ୧୨ ବାଟାଲିୟାନ (ସିଆାର୍ପିଏଫ୍), ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ ବିଭାଗ ପକ୍ଷରୁ ଖୋଲିଥିବା ଷ୍ଟଲରେ ଜନସାଧାରଣଙ୍କୁ ବିକାଶ ଓ ସଚେତନତାର ବାର୍ତ୍ତା ଦିଆଯାଉଛି। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକ କିଭଳି ଜାଣିପାରିବେ ତହାକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି।

### ଓର୍ମାସ ଯୋଗାଉଛି ବଜାର ସୁବିଧା

ଗୋଟିଏ ସ୍ଥାନରେ ମଣ୍ଡେଇ ଏବଂ ପଲ୍ଲୀଶ୍ରୀ ମେଳା। ଏହାଦ୍ୱାରା ଉଭୟ କଳା ସଂସ୍କୃତି ଏବଂ ବିକାଶର ଆଦାନ ପ୍ରଦାନ ହୋଇପାରୁଛି। ବ୍ୟବସାୟୀ ନୂତନ ଭାବେ ହସ୍ତଶିଳ୍ପ ସାମଗ୍ରୀର ଦର ନିର୍ଦ୍ଧାରଣ ତଥା ବିକ୍ରିବଟାର ସୁଯୋଗ ପଲ୍ଲୀଶ୍ରୀ ମେଳା ମାଧ୍ୟମରେ ପାଉଛନ୍ତି। ପ୍ରଶାସନ ତଥା ଓର୍ମାସ ଏସ୍ଏଚ୍ଜି ଓ ହସ୍ତଶିଳ୍ପୀଙ୍କୁ ଏକ ବଡ଼ ବଜାର ଯୋଗାଇ ପାରୁଛି। ଏଥିପାଇଁ ମଣ୍ଡେଇ ଏବଂ ପଲ୍ଲୀଶ୍ରୀ ମେଳା ଆୟୋଜନକୁ ବ୍ୟବସାୟୀ ଅନାଇ ବସିଥାନ୍ତି ।

### କ୍ଷୁଦ୍ର ବ୍ୟବସାୟୀ ଖୁସି

ଚଳିତ ବର୍ଷ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୀ ପାଇଁ ଆସିଥିବା ବାହାର ବ୍ୟବସାୟୀଙ୍କୁ ପଲ୍ଲୀଶ୍ରୀ ମେଳାରେ ପ୍ରବେଶ ନିଶେଧ କରାଯାଇଛି । ଏହା ଦ୍ୱାରା ହସ୍ତଶିଳ୍ପୀ ମାନେ ଭଲ ରୋଜଗାର କରିବାର ସମ୍ଭାବନା ରହିଛି। ବିଭିନ୍ନ ଖେଳନା ଓ କମ୍ପାନୀ ପ୍ରସ୍ତୁତ ସାମଗ୍ରୀ ବ୍ୟବସାୟୀ ଏବଂ ସ୍ଥାନୀୟ କ୍ଷୁଦ୍ର ବ୍ୟସାୟୀଙ୍କୁ ପ୍ରଶାସନ ଗୁରୁତ୍ୱ ଦେଇଛି। ସେମାନଙ୍କୁ ପଡ଼ିଆ ପାଚେରିକୁ ଲାଗି ରହିଥିବା ଏକ ଖାଲି ସ୍ଥାନରେ ଜାଗା ଦିଆଯାଇଛି। ବ୍ୟବସାୟ କରି ପେଟ ପାଟଣା ପାଇଁ ଚିନ୍ତା କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ କଥା ବୁଝିଥିବାରୁ ସେମାନେ ବେଶ୍ ଖୁସି।

### ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ପ୍ରଶଂସା

ଟ୍ରାଫିକ ନିୟମ କଡ଼ାକଡ଼ି ସହ ବ୍ୟାପକ ପୋଲିସ ଫୋର୍ସ ବିଭିନ୍ନ ଛକ ଓ ଗଳିରେ ମୁତୟନ ହୋଇଛନ୍ତି। ଏକପାଖିଆ ରାସ୍ତା ସହ ପାର୍କିଂ ବ୍ୟବସ୍ଥାକୁ ଚଳିତ ଥର ଅତି ଉତ୍ତମ ଭାବେ ପରିଚାଳନା କରାଯାଉଛି। ଏ ନେଇ ପୋଲିସ, ପ୍ରଶାସନ, ଏନସିସି କ୍ୟାଡେଟ ଏବଂ ସ୍ୱେଚ୍ଛାସେବୀଙ୍କ ଉଦ୍ୟମକୁ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ଏମ୍ପିଙ୍କୁ ଦାବିପତ୍ର

ଉମରକୋଟ, ୧୧।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୧୦ଦଫା ଦାବି ସମ୍ୱଳିତ ଏକ ଦାବିପତ୍ର ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝିଙ୍କୁ ଶନିବାର ତାଙ୍କ ଉମରକୋଟସ୍ଥିତ ବାସ ଭବନରେ ପ୍ରଦାନ କରାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଶତାଧିକ ଚାଷୀଙ୍କ ସମେତ ଚନ୍ଦାହାଣ୍ଡି, ଝରିଗାଁ, ଡାବୁଗାଁ, ରାଇଘର ଓ ଉମରକୋଟ ବ୍ଲକର ଚାଷୀମାନେ ଉପସ୍ଥିତ ଥିଲେ।

୧୦ମାସ ତଳେ ଦିଲ୍ଲୀ ସୀମାରେ ବିଭିନ୍ନ ଚାଷୀ ସଂଗଠନଙ୍କ ପକ୍ଷରୁ ଯେଉଁ ଆନ୍ଦୋଳନ ଚାଲିଥିଲା ସେହି ସମୟରେ କେନ୍ଦ୍ର ସରକାର ସେମାନଙ୍କ ଦାବି ପୂରଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ଦାବି ପୂରଣ କରାଗଲା ନାହିଁ। ତେଣୁ ଅଣଭାଜପା ଶାସିତ ଅଞ୍ଚଳର ସମସ୍ତ ଏମପି ଙ୍କୁ ଦାବିପତ୍ର ଦେଇ ପାର୍ଲାମେଣ୍ଟରେ ଏହି ବିଷୟ ଆଲୋଚନା ପାଇଁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ନବରଙ୍ଗପୁର ଜିଲା ଚାଷୀ ସଂଘର ରାଜେଶ ଯାନୀ କହିଛନ୍ତି। କେନ୍ଦ୍ର ସରକାର ଏମ୍ଏସ୍ପି ପାଇଁ ଯେଉଁ କମିଟି ଗଠନ କରିଛନ୍ତି ତାକୁ ପ୍ରତ୍ୟାହାର, ବିଭିନ୍ନ ଚାଷୀ ପ୍ରତିନିଧିଙ୍କୁ ନେଇ ନୂତନ କମିଟି ଗଠନ, ଚାଷୀଙ୍କ ଋଣ ଛାଡ଼, କାରାଗାରରେ ଥିବା ନୀରିହ ଚାଷୀଙ୍କୁ ତୁରନ୍ତ କାଢ଼ିବା, ପ୍ରାକୃତିକ ବିପର୍ଯ୍ୟୟ ଓ ଫସଲ ପୋକ ଜନିତ ରୋଗ,ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି ଭରଣ ପାଇଁ ଏକ କୃଷକ ସପକ୍ଷ ବାଦି ଫଳପ୍ରଦ ଫସଲ ବୀମା ଯୋଜନା ପ୍ରଚଳନ କରାଯାଉ, ସମସ୍ତ ଚାଷୀ ଙ୍କୁ ୫୦୦୦ ଟଙ୍କା ପେନସନ ଯୋଜନା କାର୍ଯ୍ୟକାରୀ, ଚାଷୀ ଆନ୍ଦୋଳନ ସମୟରେ ଶହୀଦ ହୋଇଥିବା ୭୧୫ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମାରକୀ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୨୦୨୨ ନୂତନ ବନ ସଂରକ୍ଷଣ ଆଇନ ରଦ୍ଦ କରିବା ସହ ପାରମ୍ପରିକ ବନବାସୀ ଓ ଅଣଆଦିବାସୀଙ୍କୁ ଦଖଲ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିବାକୁ ଦାବି ହୋଇଛି। କେନ୍ଦ୍ର ସରକାର ଯଦି ସମସ୍ତ ଦାବି ତୁରନ୍ତ ପୂରଣ ନ କରନ୍ତି ତେବେ ଆନ୍ଦୋଳନ ପୁଣି ଆରମ୍ଭ କରାଯିବ ବୋଲି ମୋର୍ଚ୍ଚା ଚେତାବନୀ ଦେଇଛି। ଏହି ଦାବିପତ୍ର ପ୍ରଦାନ ସମୟ ରେ ରାଜେଶ ଜାନି,ପର୍ସୁ ନାୟକଙ୍କ ବ୍ୟତୀତ ଅନେକ ଚାଷୀ ଉପସ୍ଥିତ ଥିଲେ।



ଏମ୍ପି ରମେଶ ଚନ୍ଦ୍ର ମାଝୀ ଦାବିପତ୍ର ଗ୍ରହଣ କରୁଛନ୍ତି ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡା,୧୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ମୋତିଗାଁ–ସିରିଶିଆଗୁଡ଼ା ନିକଟରେ ରବିବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ରାଜ୍ୟ ବେଲପୁଟି ଗ୍ରାମର ତପେଶର କୋରାମ(୨୮)। ସୂଚନା ଅନୁଯାୟୀ ତପେଶର ଶନିବାର ଶଶୁର ଘର ବାଲେଙ୍ଗା ପଞ୍ଚାୟତ ମନ୍ଦ୍ରିଗୁଡା ଗ୍ରାମକୁ କୌଣସି କାମରେ ଆସିଥିଲେ। ରବିବାର ସକାଳେ ବାଇକ୍(ସିଜି ୧୭ କେଏମ୍ ୦୨୪୬ ଯୋଗେ ନିଜ ଗାଁକୁ ଫେରିବା ସମୟରେ ମୋତିଗାଁ–ସିରିଶିଆଗୁଡା ରାସ୍ତାରେ ବାଇକ୍ ଦୁର୍ଘଟଣାଗସ୍ତ ହୋଇଥିଲା। ଘଟଣାସ୍ଥଳରେ ତପେଶରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କୋଷାଗୁମୁଡ଼ା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ୧୯୨।୨୨ରେ ଏକ ମାମଲା ରୁଜୁ ହୋଇଛି।

# ୨ ଟିପ୍ପରକୁ ୪ ଲକ୍ଷ ୫୦ ହଜାର ଜରିମାନା

ରାୟଗଡ଼ା ଅଫିସ,୧୧।୧୨

ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍ଟିଓ) ପକ୍ଷରୁ ୨ ଟିପରକୁ ୪ ଲକ୍ଷ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ପରିବହନ ବିଭାଗ ପକ୍ଷରୁ ଯାଞ୍ଚବେଳେ ଦୁଇ ଟିପର୍ ବବଦକୁ ଟିକସ ଜମା କରାଯାଉ ନ ଥିବା ଏବଂ ଫିଟ୍ନେସ, ଇନ୍ସ୍ୟୁରାନ୍ସ ଓ ପର୍ମିଟ୍ ନ ଥାଇ ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ସେହିପରି ଗୋଟିଏ ଟିପର୍ରେ ବେଆଇନ ବାଲି ଚାଲାଣ ହେଉଥିଲା। ଫଳରେ ବିଭାଗ ପକ୍ଷରୁ ଏହି ଜରିମାନା କରାଯାଇଛି।

ସୂଚନା ଅନୁଯାୟୀ, ପରିବହନ ବିଭାଗର

### ଟିକସ ଫାଙ୍କି ବିନା ପର୍ମିଟରେ ଚାଲିଥିଲା

ଟ୍ରାଫିକ୍ ଇନ୍ସପେକ୍ଟର ଝସକେତନ ବରସଗରିଆ କୁମ୍ଭିକୋଟା ଫାଣ୍ଡି ଅନ୍ତର୍ଗତ ଗୁମ୍ପା ଗ୍ରାମ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହିସମୟରେ ଅଳ୍ପ ବ୍ୟବଧାନରେ ୩୨୬ ନମ୍ବର ଜାତୀୟ ରାଜପଥରେ ଆସୁଥିବା ଦୁଇ ଟିପରକୁ ଅଟକାଇଥିଲେ। ଯାଞ୍ଚବେଳେ ବାଲି ବୋଝେଇ ଟିପର (ଓଡି ୧୮ ବି ୦୭୮୭) ବାବଦକୁ ୨୦୨୦ ଅକ୍ଟୋବରରୁ ଟିକସ ଜମା ହୋଇ ନ ଥିବା ଜଣାପଡ଼ିଥିଲା। ସେହିପରି ଫିଟ୍ନେସ ଓ ଇନସୁରାନ୍ସ ଓ ପର୍ମିଟ ଅନ୍ୟ ଆବଶ୍ୟକ କାଗଜପତ୍ର ମଧ୍ୟ ନ ଥିଲା। ଫଳରେ ଉକ୍ତ ଟିପରକୁ ୯୭ ହଜାର ୯୭୦ ଟଙ୍କା ଜରିମାନା କରାଯାଇଥିଲା। ଅନ୍ୟ ଏକ ଟିପର(ଓଡି ୧୮ ୮୭୧୯) ମଧ୍ୟ କୌଣସି ଅନୁମତି ନ ଥାଇ ଚଳାଚଳ କରୁଥିଲା। ଟିପର ବାବଦକୁ ୨୦୧୭ ଏପ୍ରିଲରୁ ଟିକସ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଥିଲା। ସେହିଭଳି ଆବଶ୍ୟକ ଫିଟ୍ନେସ ଓ ଇନସୁରାନ୍ସ ନ ଥିଲା। ଫଳରେ ଏହି ଟିପରକୁ ୩, ୫୫,୨୫୦ ଟଙ୍କା ଜରିମାନା କରାଯାଇଛି। ଉଭୟ ଟିପର ଜବତ କରାଯାଇ ଆର୍ଟିଓ ପରିସରରେ ଅଟକ ରଖାଯାଇଛି। ସମସ୍ତ ଜରିମାନା ପୈଠ ପରେ ଗାଡ଼ି ଛଡ଼ାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଚୌଧୁରୀ କହିଛନ୍ତି।

Government of Odisha
Skill Development and Technical Education Department
Directorate of Technical Education & Training, Odisha
At- Killamaidan, P.O.- Buxibazar, Cuttack- 753001
Phone No.0671 2301061, e-mail: dtetorissa@gmail.com

NOTICE INVITING REQUEST FOR PROPOSALS (RFP)
For Setup of CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha

No.DTET/2022-23/15511 Date: 08.12.2022

No.KK-279:- The Directorate of Technical Education and Training, Odisha (DTE&T), intends to invite Technical and Financial Proposals through e-tender on MSTC e-procurement website (https://www.mstcecommerce.com/eproc) from the world's leading Original CNC Machines Manufacturing (OEM) companies to setup CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha. The details of scope of work, eligibility criteria, terms & conditions and proposals submission details can be downloaded from the DTE&T, Odisha and MSTC websites (www.dtetodisha.gov.in and www.mstcecommerce.com/eproc) from 12th December, 2022. Any addendum / corrigendum (if required) will be uploaded at website mentioned above.

Sd./- DTE&T, Odisha, Cuttack
OIPR-14004/11/0011/2223

## ସଂକ୍ଷେପରେ

### ଗୁଡ଼ାରୀରୁ ୭ ବର୍ଷର ଶିଶୁକନ୍ୟା ନିଖୋଜ




ଗୁଡ଼ାରୀ, ୧୧।୧୨(ଡି.ଏନ.ଏ.)- ଗୁଡ଼ାରୀ ସହରର ସରକାରୀ ହାଇସ୍କୁଲ ପଛପଟେ ବାସ କରୁଥିବା ଗୁଡଲା ଭେଙ୍କେଟ ରାଓଙ୍କ ଶିଶୁକନ୍ୟା ସାଇ ସ୍ୱରୂପା (୭) ରବିବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଛନ୍ତି। ସ୍ୱରୂପା ସ୍ଥାନୀୟ ୟୁଜିଏମଇ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ଏ ସମ୍ପର୍କରେ ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଦୀନବନ୍ଧୁ ଶବରକହିଛନ୍ତି।

### ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର



ଉମରକୋଟ,୧୧।୧୨(ସ୍ୱ.ପ୍ର.)- ନବରଙ୍ଗପୁର ବିଜୁ ଛାତ୍ର ଜନତା ଦଳ ସଭାପତି ସୁଧାଂଶୁ ଦାସଙ୍କ ତତ୍ତ୍ୱାବଧାନରେ ରବିବାର ଉମରକୋଟ ଗାନ୍ଧୀ ଛକଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତସ୍ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ, ସମ୍ମାନିତ ଅତିଥି ରୂପେ ପୌରାଧକ୍ଷା ରାଧା ଭତ୍ରା, କାଉନସିଲର ତପନ କୁମାର ଦେବନାଥ, ନଗର ବିଜେଡି ସଭାପତି କୈଳାସ ନାୟକ, ନଗର ବିଜେଡି ଯୁବ ସଭାପତି ଭିକି ନାୟକ, ନଗର ମହିଳା ସଭାପତି ରଶ୍ମି ସାନ୍ତ୍ରା, ସରୋଜିନୀ ଶବର,ରଜତ ସାନ୍ତ୍ରା, ଜିତୁ ଜେନା, ତପନ ପାତ୍ର, ସନ୍ତୋଷ ନାୟକ, ତନ୍ମୟ ନାୟକ, ହିମାଂଶୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରୁ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି।

### ସ୍କୁଟିକୁ ଘୋଷାରି ନେଲା କାର, ବାପା ଆହତ, ପୁଅ ଗୁରୁତର

ଜି.ଉଦୟଗିରି,୧୧।୧୨(ଡି.ଏନ.ଏ.): ସ୍ଥାନୀୟ ଗାନ୍ଧୀ ଛକଠାରେ ରବିବାର ଏକ ଦୁର୍ଘଟଣାରେ ବାପା ଆହତ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ଜଗନ୍ନାଥ ମନ୍ଦିର ନିକଟରେ କାର (ନଂ ଓଆର-୦୨ ଜେଡ-୩୨୭୧) ଏକ ସ୍କୁଟି (ନଂ ଓଡି ୧୨ ୮୬୭୯)କୁ ଧକ୍କା ଦେବା ପରେ ସ୍କୁଟିଟି ପ୍ରାୟ ୧୫ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲା। ଫଳରେ ସ୍କୁଟି ଆରୋହୀ ଶ୍ରୀରାମପଦାର ମିଥୁନ ପ୍ରଧାନ (୩୫) ଏବଂ ତାଙ୍କ ପୁଅ ସାରିଆନ ପ୍ରଧାନ(୧୨) ଆହତ ହୋଇଛନ୍ତି ଏବଂ ତାଙ୍କ ସ୍ତ୍ରୀ ନିବେଦିତା ପ୍ରଧାନ (୩୦) ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆହତମାନଙ୍କ ମଧ୍ୟରେ ସାରିଆନ ପ୍ରଧାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ଗାନ୍ଧୀ ଛକରେ କାର ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି ଏବଂ ସ୍ଥାନୀୟ ପୋଲିସ ଦ୍ୱାରା ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନିମନ୍ତେ ଦାବି ହେଉଛି। ଦୁର୍ଘଟଣା ପରେ କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ପୋଲିସ ଅଧିକାରୀ ଅନନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନଂ.୧୫୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୧୧।୧୨(ଡି.ଏନ୍.ଏ.):ପାରଳାଖେମୁଣ୍ଡି ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗର ମୋବାଇଲ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଅଡାସିଂ ନିକଟରେ ସନ୍ଦେହରେ ଅଟୋକୁ ତନଖି କରିଥିଲେ। ଏହି ସମୟରେ ପ୍ରାୟ ୧୯୮ କିଲୋ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଅଟୋଚାଳକ ସୁରେଶ ବୀରଙ୍କୁ ଧରିଥିଲେ। ଅଭିଯୁକ୍ତଙ୍କ ଘର ରା. ଉଦୟଗିରି ଅଞ୍ଚଳର ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁ।

# ରାୟଗଡ଼ାର ୬୨ ଆଇସିଟି ଲାବ୍‌ରେ ତାଲା

- ପିଲାଙ୍କୁ ମିଳୁନି ଇ-କଣ୍ଟେଣ୍ଟ, କମ୍ପ୍ୟୁଟର ଶିକ୍ଷା
- ୬୨ ସ୍କୁଲରେ ଖର୍ଚ୍ଚ ହୋଇଥିଲା ୧୩ କୋଟି

ରାୟଗଡ଼ା ଅଫିସ,୧୧।୧୨

ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ ୨୦୧୪ ରେ ଆଇସିଟି (ଇନ୍‌ଫର୍ମେସନ ଆଣ୍ଡ୍ କମ୍ୟୁନିକେସନ ଟେକ୍ନୋଲୋଜି) ସ୍କୁଲ ଯୋଜନାରେ ଆରମ୍ଭ ହୋଇଥିବା ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ବିଫଳ ହୋଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କୁ ପୁସ୍ତକ ବଦଳରେ କମ୍ପ୍ୟୁଟରରେ ଇ-କଣ୍ଟେଣ୍ଟ ମାଧ୍ୟମରେ ବିଭିନ୍ନ ବିଷୟରେ ପାଠ ପଢ଼ାଇବା ବ୍ୟବସ୍ଥା କରାଯାଇଥିଲା। ହେଲେ ସରକାରଙ୍କ ତଦାରଖ ଅଭାବ ଏବଂ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ହାଇସ୍କୁଲ ଗୁଡ଼ିକରେ ଖୋଲାଯାଇଥିବା ଆଇସିଟି ଲାବ୍‌ରେ ଏବେ ତାଲା ଝୁଲୁଛି। ସ୍କୁଲରେ ଖଞ୍ଜାଯାଇଥିବା କମ୍ପ୍ୟୁଟର ଏବଂ ଅନ୍ୟ ଶିକ୍ଷା ଉପକରଣ ମଧ୍ୟ କିଛି ନଷ୍ଟ ହୋଇଥିବାବେଳେ ଆଉ କିଛି ଉପକରଣକୁ ନେଇ ବଡ଼ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ରାୟଗଡ଼ା ଜିଲାର ୬୨ ସ୍କୁଲ ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇଥିଲା। ପ୍ରତ୍ୟେକ ସ୍କୁଲ ପିଛା ୨୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୧୩ କୋଟି ୬୪ ଲକ୍ଷ ଟଙ୍କାର ଶିକ୍ଷା ଉପକରଣ ଏବଂ ଅନ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି।

ନୂତନ ଜ୍ଞାନକୌଶଳ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଏଥିପାଇଁ ପ୍ରତ୍ୟେକ ସ୍କୁଲରେ ୨ ସର୍ଭର, ୧୦ କମ୍ପ୍ୟୁଟର, ୧୦ ଏନ୍-କମ୍ପ୍ୟୁଟିଂ ଡିଭାଇସ୍, କେ-ୟାନ୍ ପ୍ରୋଜେକ୍ଟର, ସ୍ମାର୍ଟବୋର୍ଡ, ପ୍ରିଣ୍ଟର, ୧୦ ହେଡ୍‌ଫୋନ୍, ୱେବ୍‌କ୍ୟାମ୍ ଓ ସ୍ପିକର ଖଞ୍ଜାଯାଇଥିଲା। ଏହାର ସଫଳ ରୂପାୟନ ନିମନ୍ତେ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଜରିଆରେ ଓକେସିଏଲ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତି ସମୟରେ ଓକେସିଏଲ୍ ଲ୍ୟାବ୍ ଦାୟୀତ୍ୱ ସ୍କୁଲ ଗୁଡ଼ିକୁ ହସ୍ତାନ୍ତର କରିଥିଲା। ହେଲେ ପ୍ରକଳ୍ପ ସଫଳ ହୋଇପାରିଲାନାହିଁ। ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ନିଯୁକ୍ତି ପାଇଥିବା ବିଦ୍ୟାଳୟ ସଂଯୋଜକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ଛଟେଇ କରାଯାଇଛି।

ରାୟଗଡ଼ା ଜିଲାର ୬୨ ହାଇସ୍କୁଲ ମଧ୍ୟରେ ରାୟଗଡ଼ା ସଦର ବ୍ଲକର ୭ ସ୍କୁଲ, ରାୟଗଡ଼ା ସହରର ୪, ବିଷମକଟକ ବ୍ଲକରେ ୬, ଚନ୍ଦ୍ରପୁରରେ ୩, ଗୁଡ଼ାରି ସହରରେ ୨, ଗୁଣପୁର ବ୍ଲକରେ ୬, ଗୁଣପୁର ସହରରେ ୩, କଲ୍ୟାଣସିଂହପୁର ବ୍ଲକରେ ୭, କାଶୀପୁର ବ୍ଲକରେ ୪, ମୁନିଗୁଡ଼ା ବ୍ଲକରେ ୩, କୋଲନରା ବ୍ଲକରେ ୭, ପଦ୍ମପୁର ବ୍ଲକରେ ୪ ଏବଂ ରାମନାଗୁଡ଼ା ବ୍ଲକରେ ୬ ହାଇସ୍କୁଲ ଏହି ପ୍ରକଳ୍ପରେ ସାମିଲ ହୋଇଥିଲା। ୬୨ ବିଦ୍ୟାଳୟରେ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷା ପ୍ରଦାନ କରାଯାଉଥିଲା। ମୁଖ୍ୟତଃ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ମାଧ୍ୟମରେ ବିଜ୍ଞାନ, ଗଣିତ, ଇଂଲିଶ ଆଦି ଶିକ୍ଷା ପ୍ରଦାନ ନିମନ୍ତେ ପ୍ରତ୍ୟେକ ସ୍କୁଲରେ ଜଣେ ଲେଖାଏ ବିଦ୍ୟାଳୟ ସଂଯୋଜକ ନିଯୁକ୍ତି ପାଇଥିଲେ। ପରିତାପର ବିଷୟ ହେଲା ଏବେ ଏହି ଆଇସିଟି ସ୍କୁଲ ଯୋଜନା ତଥା ଇ-ବିଦ୍ୟାଳୟ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଏବେ ଜିଲାର କୌଣସି ବିଦ୍ୟାଳୟରେ ଇ-କଣ୍ଟେଣ୍ଟ ଏବଂ କମ୍ପ୍ୟୁଟର ଶିକ୍ଷା ପିଲାଙ୍କୁ ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସରକାରଙ୍କ ଦ୍ୱାରା ଯେଉଁ କମ୍ପ୍ୟୁଟର ଖଞ୍ଜାଯାଇଥିଲା ସେଥିରେ ବଡ଼ ଧରଣର ଦୁର୍ନୀତି ମଧ୍ୟ ପଦାକୁ ଆସିଛି। ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ପୁରୁଣା କମ୍ପ୍ୟୁଟର ଖଞ୍ଜି ନୂତନ କମ୍ପ୍ୟୁଟରର ବିଲ୍ ଦେଖାଇ ବ୍ୟାପକ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ଏଥିରେ ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ଲଗାତର ଅଭିଯୋଗ ହୋଇଆସୁଛି। ସେହି ପୁରୁଣା ଲାବ୍‌କୁ ରୂପାନ୍ତରଣ କାର୍ଯ୍ୟରେ କେବଳ ମରାମତି କରି ନୂତନ ରୂପ ଦିଆଯାଇଛି। ଏମିତିକି ବିଦ୍ୟାଳୟରେ ଖଞ୍ଜାଯାଇଥିବା ଅନ୍‌ଲାଇନ ୟୁପିଏସ୍‌ଗୁଡ଼ିକ ଏବେ କାମ କରୁଛି କି ନାହିଁ ତାହା କାହାକୁ ଜଣାନାହିଁ। ଏହି ଅନ୍‌ଲାଇନ ୟୁପିଏସ୍ ବିନା ବିଦ୍ୟୁତ୍‌ରେ ମଧ୍ୟ ପ୍ରାୟ ୬ ଘଣ୍ଟା ଧରି ଚାଲିବ ଏବଂ ପିଲା ଶିକ୍ଷା ପାଇପାରିବେ। ହେଲେ ଏବେ ଏହାର ସ୍ଥିତି ସନ୍ଦେହ ଘେରରେ। ସେହିଭଳି କେତେକ ସ୍କୁଲରେ ସାଇଲେଣ୍ଟ ଜେନ୍‌ସେଟ୍ ମଧ୍ୟ ଗାଏବ ହୋଇଯାଇଥିବା ଜଣାପଡ଼ିଛି। ଆଉ କେତେକ ବିଦ୍ୟାଳୟରେ ଅନ୍ୟ କାମରେ ବ୍ୟବହାର ହେଉଥିବାବେଳେ ଆଇସିଟି ଲାବ୍‌ରେ ଆଉ ବ୍ୟବହାର ହେଉନାହିଁ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଏହି ସବୁ ସାମଗ୍ରୀ ରହିଥିବା ବେଳେ ଉକ୍ତ ଲାବ୍‌ର ବ୍ୟବହାର କିଭଳି ହେଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ସାଇଲେଣ୍ଟ ଜେନ୍‌ସେଟ୍ ଏବଂ ଅନ୍‌ଲାଇନ ୟୁପିଏସ୍‌କୁ ବାହାରେ ବିକ୍ରି କରାଯାଇଥିବା ମଧ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଶିକ୍ଷା ଓ ମଙ୍ଗଳ ବିଭାଗର କେତେଜଣ ଅସାଧୁ ଅଧିକାରୀ ଉପରୋକ୍ତ ସମସ୍ତ ସାମଗ୍ରୀ ନେଇ ନିଜ ଘରେ ବ୍ୟକ୍ତିଗତ ବ୍ୟବହାରରେ ଲଗାଇଥିବା ଅଭିଯୋଗ ହୋଇଛି। ଏ ନେଇ କେତୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କୁ ପଚାରିବାରୁ ନିଜ ନାମ ଗୋପନ ରଖି ବିଦ୍ୟାଳୟ ସଂଯୋଜକମାନଙ୍କ ଛଟେଇ ହେବା ପରଠାରୁ ଲାବ୍‌ରେ ତାଲା ଝୁଲୁଥିବା କହିଛନ୍ତି। କେତେକ ସ୍ଥାନରେ ସ୍କୁଲ ଅଫିସରେ କମ୍ପ୍ୟୁଟର ଲାଗିଥିବା ମଧ୍ୟ ସେମାନେ ପ୍ରକାଶ କରିଛନ୍ତି। ଏ ବିଷୟରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କୁ ପଚାରିବାରୁ, ଯେଉଁଠାରେ ଶିକ୍ଷକଙ୍କ କମ୍ପ୍ୟୁଟର ଜ୍ଞାନ ରହିଛି କମ୍ପ୍ୟୁଟର ବ୍ୟବହାର ହେଉଛି। କିନ୍ତୁ ସମୟ ଅଭାବ ଏବଂ ଶିକ୍ଷା ଦାୟିତ୍ୱ ଯୋଗୁ ଏହାର ସଦୁପଯୋଗ ହୋଇପାରୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ସରକାର ନାମକୁ ମାତ୍ର ଟିଚର ଟ୍ରେନିଂ କାର୍ଯ୍ୟକ୍ରମ କରି ବିଦ୍ୟାଳୟ ସଂଯୋଜକମାନଙ୍କୁ ଛଟେଇ କରିଥିଲେ। ଏବେ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳର ହାଇସ୍କୁଲରେ ପିଲାଙ୍କୁ ଡିଜିଟାଲ ଶିକ୍ଷା ମିଳୁ ନ ଥିବା ସ୍ପଷ୍ଟ ହୋଇଛି। ତେଣୁ ଏହି ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଯନ୍ତ୍ରୀ ଜାଣିନାହାନ୍ତି କାର୍ଯ୍ୟର ଅଟକଳ ମୂଲ୍ୟ

### କେନାଲ କାମ ନିମ୍ନମାନର ହୋଇଥିବା ଅଭିଯୋଗ

ମାଲକାନଗିରି, ୧୧।୧୨(ଡି.ଏନ.ଏ.)



ମାଲକାନଗିରି ଜିଲା କାଲିମେଲା ବିଏଲକେ ଅନ୍ତର୍ଗତ ଏମପିଭି-୨୯ ଗ୍ରାମ ନିକଟସ୍ଥ ପୋଟେରୁ ଜଳସେଚନ ବିଭାଗର ଶାଖା କେନାଲରେ ନିର୍ମାଣାଧୀନ କଂକ୍ରିଟ କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଏଥିସହ ଏହି କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ କରାଯାଇଥିବା କୁହାଯାଉଛି। ଏହି ଶାଖା କେନାଲ ମଧ୍ୟରେ ୨୪୫ ମିଟର ଲମ୍ବର କଂକ୍ରିଟ ନାଳ ନିର୍ମାଣ କରାଯାଉଛି। ଯେଉଁଥିରେ ମାଟି ମିଶ୍ରିତ ବାଲି ବ୍ୟବହାର ହେଉଛି। ସରକାରୀ ନିୟମ ଅନୁସାରେ ବାଲି, ମେଟାଲ ଓ ସିମେଣ୍ଟର ପରିମାଣ ୬-୪-୧ ରହିଥିବା ବେଳେ ଠିକାଦାର ଜଣଙ୍କ ୧୨ ଗାମଲା ବାଲିରେ ୪ଗାମଲା ଚିପ୍ସ ଏବଂ ନିମ୍ନମାନର ସିମେଣ୍ଟ ମିଶାଇ କାମ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ସ୍ଥଳରେ ନାମଫଳକ ନ ଥିବା ବେଳେ ଏହାକୁ ରାହୁଲଦେବ ନାମକ ଠିକାଦାର କରୁଥିବା ଜଣାପଡିଛି। ଏନେଇ ସଂପୃକ୍ତ ଯନ୍ତ୍ରୀ ମଳୟ ମିସ୍ତ୍ରୀଙ୍କୁ ପଚାରିବାରୁ ସେ ଏହାର ଅଟକଳ ମୂଲ୍ୟ ଜାଣି ନ ଥିବା କହିଥିଲେ। ବେଳେ କାମ ଠିକ ଠାକ୍ ଚାଲିଥିବା ଏବଂ ମାର୍କେଟରେ ଯେଉ ସିମେଣ୍ଟ ମିଳୁଛି ତାହା ଦ୍ୱାରା କାମ ହେଉଥିବା ପ୍ରକାଶ କରଥିଲେ। ଯନ୍ତ୍ରୀ ଜଣକ ସବୁ ସମୟରେ କାର୍ଯ୍ୟ ତଦାରଖ କରୁଥିବା ବେଳେ ଶିଶୁ ଶ୍ରମିକ ନିୟୋଜିତ ହେଉଥିବା କିପରି ଜାଣିପାରୁନାହାନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## କୁଡୁମୁଲୁଗୁମ୍ମାରେ ନିଯୁକ୍ତିମେଳା



ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଯୁବତୀ ଯୁବକ ।

ମାଲକାନଗିରି,୧୧।୧୨(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ରବିବାର ଏକ ନିଯୁକ୍ତି ମେଳା କୁଡୁମୁଲୁଗୁମ୍ମା ତହସିଲର ଡାରୱିନ ମେମୋରିଆଲ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାକୁ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିରର୍ଷାନି ଉଦ୍‌ଘାଟନ କରିଥିଲେ। ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମନିଯୁକ୍ତି ଯୋଗାଇ ଦେବା ଲକ୍ଷ୍ୟରେ ଆୟୋଜିତ ଏହି ମେଳାରେ ଜିଲା କର୍ମ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ୍ୱର ବାକା, ଖଇରପୁଟ ବିଡିଓ ହୃଦାନନ୍ଦ ସାହୁ ଯୋଗ ଦେଇଥିଲେ। ଜିଲାରେ ବିଭିନ୍ନ ଅଞ୍ଚଳରୁ ୬୪୦ ଜଣ ଯୁବତୀଯୁବକ ଏଥିପାଇଁ ନାମ ପଞ୍ଜୀକରଣ କରିଥିଲେ। ପ୍ରଶିକ୍ଷଣ ନିମନ୍ତେ ୭୭ ଜଣ ଯୁବତୀଯୁବକ ମନୋନୀତ ହୋଇଥିବା ବେଳେ ମେଳାରୁ ୨୫୬ ଜଣ ଯୁବତୀଯୁବକ ଚାକିରି ପାଇଁ ମନୋନୀତ ହୋଇଥିବା ଜଣାପଡିଛି।

# ଭୁଲ୍ ଇଞ୍ଜେକ୍ସନରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

### ପରିବାର ପକ୍ଷରୁ ଥାନାରେ ଏତଲା

ରାୟଗଡ଼ା ଅଫିସ,୧୧।୧୨



ଭୁଲ୍ ଇଞ୍ଜେକ୍ସନ ଦେବା କାରଣରୁ ଜଣେ ରୋଗୀଙ୍କ ଶନିବାର ରାତିରେ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ସାନଚାନ୍ଦିଲି ଗ୍ରାମରୁ ଏଭଳି ଗୁରୁତର ଅଭିଯୋଗ ଆସିଛି। ମୃତକ ହେଲେ ଗାଁର ପ୍ରଶାନ୍ତ କୌଶଲ୍ୟା(୨୬)। ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ଘରୋଇ କ୍ଲିନିକ୍‌ର ଚିକିତ୍ସକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ପ୍ରଶାନ୍ତଙ୍କ ମୁଣ୍ଡବ୍ୟଥା ସାଙ୍ଗକୁ ପେଟରେ ପ୍ରବଳ ଯନ୍ତ୍ରଣା ଯୋଗୁ ଶନିବାର ପରିବାର ଲୋକେ ଜେକେପୁର ବି.ସି. ରୋଡ୍ ସ୍ଥିତ ବି. ଆନନ୍ଦ ରାଓ(ନନ୍ଦୁ ବାବୁ)ଙ୍କ କ୍ଲିନିକ୍‌କୁ ନେଇ ଯାଇଥିଲେ। ସେଠାରେ ନନ୍ଦୁ ବାବୁ ତାଙ୍କୁ ୨ଟି ଇଞ୍ଜେକ୍ସନ, ସିରପ୍ ଏବଂ କିଛି ଔଷଧ ଦେଇଥିଲେ। ଘରକୁ ଫେରିବାର ୧୦ ମିନିଟ ପରେ ବାନ୍ତି ହେବା ସହ ପ୍ରଶାନ୍ତ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ପ୍ରଶାନ୍ତଙ୍କ ସାଙ୍ଗମାନେ ଏବଂ ପରିବାର ଲୋକେ ଚିକିତ୍ସକଙ୍କ ଚିକିତ୍ସା ଉପରେ ସନ୍ଦେହ ପ୍ରକାଶ କରିବା ସହ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ଶନିବାର ରାତିରେ ପ୍ରଶାନ୍ତଙ୍କ ସାଙ୍ଗମାନେ ଥାନା ସମ୍ମୁଖରେ ପାଟିତୁଣ୍ଡ ମଧ୍ୟ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରବିବାର ପରିବାର ଲୋକେ ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି। ୨୨୫/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଏସ୍‌ଡିପିଓ ଦେବଜ୍ୟୋତି ଦାସ ସୂଚନା ଦେଇଛନ୍ତି। ପ୍ରଶାନ୍ତ ଘରର ଏକମାତ୍ର ଉଚ୍ଚ ଶିକ୍ଷିତ ସନ୍ତାନ ଥିଲେ। ସେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ କୋଲକାତାଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଏବେ ସେ ଘରେ ରହି କାମ କରୁଥିଲେ। ୨୦୨୩ ଫେବୃୟାରୀରେ ତାଙ୍କର ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏଭଳି ପରିସ୍ଥିତିରେ ତାଙ୍କ ମୃତ୍ୟୁକୁ ନେଇ ମା', ବାପା ଭାଙ୍ଗିପଡ଼ିଛନ୍ତି। ଅନ୍ୟପକ୍ଷରେ ନନ୍ଦୁ ବାବୁ ଦୀର୍ଘବର୍ଷ ଧରି କ୍ଲିନିକ୍ ଚଳାଇଥିଲେ। ହେଲେ ସେ ଜଣେ କ୍ୱାକ୍ ଏବଂ ନକଲି ଡାକ୍ତର ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ପରେ ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସରକାରୀ ସହାୟତା ଯୋଗାଇବାକୁ ଦାବି

ଆର.ଉଦୟଗିରି, ୧୧।୧୨ (ଡି.ଏନ.ଏ.): ରାଜ୍ୟ ସରକାରଙ୍କ ପକ୍ଷରୁ ଜନ ହିତରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ଏହି ଯୋଜନା ପହଞ୍ଚି ପାରୁନି। ମୋହନା ଗ୍ରାମର ଅସହାୟ ଅବିବାହିତା ବୃଦ୍ଧା ମହିଳାମାନେ ବହୁ ଦୁଃଖ କଷ୍ଟରେ ଅସହାୟ ଅବସ୍ଥାରେ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏଣୁ ସେମାନଙ୍କୁ ସରକାରୀ ଜାଗା ସହିତ ପ୍ରଧାନମନ୍ତ୍ରୀ ଆବାସ, ୩୫ କିଲୋ ଚାଉଳ ଓ ରହିଯାଇଥିବା କିଛି ବୃଦ୍ଧା ମହିଳାଙ୍କୁ ଭତ୍ତା ପ୍ରଦାନ ସହିତ ଆତ୍ମନିର୍ଭରଶୀଳତା ପାଇଁ ଯେକୌଣସି କାମ ଯୋଗାଇଦେବାକୁ ବୃଦ୍ଧାମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବ୍ଲକ ଅଧ୍ୟକ୍ଷଙ୍କୁ ନିବେଦନ ପତ୍ର ଦେବା ସହିତ ଜିଲାପାଳଙ୍କ ନିକଟକୁ ମଧ୍ୟ ଏକ ପତ୍ର ପ୍ରେରଣ କରିଛନ୍ତି। ପ୍ରଶାସନ ସେମାନଙ୍କ ଦୁଃଖ ବୁଝି ସହାୟତା ପ୍ରଦାନ କରିବେ ବୋଲି ଅବିବାହିତା ବୃଦ୍ଧା ମାଳତି ମହାପାତ୍ର, କୁନି ପାତ୍ର, ବେଣ୍ଡାଦେତା ନାୟକ, ସ୍ୱର୍ଣ୍ଣଲତା ସାହୁ, ଭାନୁ ଦେବୀ, ସଞ୍ଜୁ ସାହୁ, ସାଇବାଣି ସାହୁ, ପୁଷ୍ପା ଦୋରା, ରେବତୀ ନାୟକ ପ୍ରମୁଖ ନିବେଦନ କରିଛନ୍ତି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଗୋପାଳପୁର,୧୧।୧୨(ଡି.ଏନ୍.ଏ.)

ଗୋଳନ୍ଥରା ଥାନା ଅଧୀନ ଗୋବିନ୍ଦନଗରରେ ଶନିବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଗୋବିନ୍ଦନଗର ଗ୍ରାମର ଏମ. ଭୀମାରାଓ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତି ସାଢେ ୯ଟା ବେଳେ ଭୀମା କୌଣସି କାମରେ ବ୍ରହ୍ମପୁରରୁ ଘରକୁ ବାଇକ ଯୋଗେ ଫେରୁଥିବା ସମୟରେ ଗୋବିନ୍ଦନଗର ଛକଠାରୁ ମାତ୍ର ୧୦୦ ମିଟର ଦୂରରେ ୬ଜଣ ଯୁବକ ତାଙ୍କୁ ଅଟକାଇବା ସହ ଖଣ୍ଡା ଓ କାତିରେ ଆକ୍ରମଣ କରିଥିଲେ। ଫଳରେ ଭୀମାଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପାରିବାରିକ କଳହ ଓ ପୂର୍ବ ଶତ୍ରୁତାରୁ ଆକ୍ରମଣ କରାଯାଇଥିବା ଜଣାପଡିଛି। ଏ ନେଇ ଭୀମାଙ୍କ ଭଣଜା ଜି. ଦୁର୍ଯ୍ୟୋଧନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୪୫୬/୨୨ରେ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ଆକ୍ରମଣକାରୀମାନେ ଗତ ରାତିରୁ ହାଇଦ୍ରାବାଦ ଚାଲିଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଯୁକୋ ପାର୍କରେ ବଣଭୋଜି ବାରଣକୁ ନେଇ ଅସନ୍ତୋଷ

ଚିତ୍ରକୋଣ୍ଡା,୧୧।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ୧୮ଟି ପଞ୍ଚାୟତର ଲୋକଙ୍କ ଏକମାତ୍ର ମନୋରଞ୍ଜନ ସ୍ଥଳୀ ହେଉଛି ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ ଥିବା ଚିତ୍ରକୋଣ୍ଡା ଯୁକୋ ପାର୍କ। ପାର୍କ ଆରମ୍ଭ ଦିନଠାରୁ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମେ। ଲୋକେ ଏଠଶରେ ଭୋଜି କରି ଖାଇବା ସହ ବୋଟିଂ ମଜା ନିଅନ୍ତି। ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା, ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାର ଏବଂ ସାକୃବନ୍ଧା ଝୁଲା ବ୍ରିଜ ବୁଲିବାକୁ ଆସିଲେ ଭୋଜି ପାଇଁ ଏହି ସ୍ଥାନ ଥିଲା ଉପଯୁକ୍ତ। ପ୍ରତିଦିନ ଏଠାକୁ ୮/୧୦ଟି ପିକନିକ ଟିମ ବୁଲି ଆସନ୍ତି। କରୋନା କଟକଣା ସମୟରେ ପାର୍କ ଟି କିଛି ଦିନ ବନ୍ଦ ରହିଥିଲା। ତେବେ କରୋନା କଟକଣା ଉଠିଯିବା ପରେ ଏହି ପାର୍କରେ ଭୋଜି କାର୍ଯ୍ୟକ୍ରମକୁ ବାରଣ କରାଯାଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳର ଏହି ଗୋଟିଏ ମାତ୍ର ଭୋଜି ସ୍ଥାନକୁ ବନ୍ଦ କରାଯିବା ନେଇ ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କୁ ପଚାରିବାରୁ ସେ କହିଲେ, ଯୁକୋ ପାର୍କରେ ଭୋଜି ହେବା ଦ୍ୱାରା ବିଭିନ୍ନ ସମସ୍ୟା ଉପୁଜୁଛି। ଏଥିପାଇଁ ଜିଲାର ଉଚ୍ଚ ଅଧିକାରୀ ଅନୁମତି ଦେଇପାରିବେ। ଯଦି ଅନୁମତି ନ ମିଳେ ତେବେ ଏଠାରେ ଭୋଜି କରିବାକୁ ଅନୁମତି ଦେଇହେବ ନାହିଁ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ଦେୟ ରାଶି ସ୍ଥିର କରି ଚୁକ୍ତି ଭିତିରେ ପାର୍କରେ ଭୋଜି ପାଇଁ ଅନୁମତି ଦେବାକୁ ସାଧାରଣରେ ଦାବି ହେଉଛି।

## ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

କାଳିମେଲା, ୧୧।୧୨(ଡି.ଏନ.ଏ.)

ମାଲାକାନଗିରି ଜିଲା କାଳିମେଳା ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ୩୨ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କାଳିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ମଣ୍ଡଳ, ପ୍ରଧାନ ଶିକ୍ଷକ ଜଗବନ୍ଧୁ ଶଲ୍ଲୁଶଲ୍ୟ, ସିଆରସିସି ରଞ୍ଜିତ ସରକାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଡ ଅତିଥି ପରିଚୟ ଦେଇଥିଲେ।




କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ମାଲକାନଗିରିରେ ଆରମ୍ଭ ହେଲା ଏମ୍‌ପିଏଲ ଟୁର୍ଣ୍ଣାମେଣ୍ଟ

ମାଲକାନଗିରି, ୧୧।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ଦଣ୍ଡକାରଣ୍ୟ ଖେଳ ପଡ଼ିଆଠାରେ ଏମ୍‌ପିଏଲ୍ (ମାଲକାନଗିରି ପ୍ରିମିୟର ଲିଗ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ବିଶାଳ ସିଂ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସଡିପିଓ ଶୁଭେନ୍ଦୁ ପାତ୍ର ଉପସ୍ଥିତ ଥିଲେ। ମାଲକାନଗିରିରେ ପ୍ରଥମଥର ପାଇଁ ଏଭଳି ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଆୟୋଜିତହୋଇଛି। ଏଥିରେ ୬ଟି ଦଳ ଭାଗ ନେଇଛନ୍ତି। ଗତ ଦେଢ଼ମାସ ପୂର୍ବରୁ ଏନେଇ ଖେଳାଳି ଚୟନ କରାଯାଇଥିଲା। ପ୍ରିମିୟର ଲିଗର କିଟ୍ ଅନୁଷ୍ଠାନ ସ୍ପନସର ରହିଛି। ମାଲକାନଗିରି ଜଗଦିଶ ରାଓ କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଅୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ




ଜିଲାପାଳ ବିଶାଳ ସିଂ ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

କାଳିମେଳା ବୁଲ୍‌ସ ଇଲେଭେନ ଏବଂ ବୈପାରିଗୁଡାର ଧଳ ୱାରିଅରସ୍ ମଧ୍ୟରେ ହୋଇଥିଲା। ପ୍ରଥମେ କାଳିମେଳା ବୁଲସ ଇଲେଭେନ ବ୍ୟାଟିଂ କରି ୨୦ ଓଭରରେ ୧୫୮ ରନ କରିଥିଲା। ପରେ ବ୍ୟାଟିଂ କରି କରି ଧଳ ୱାରିଅରସ୍ ୭ ଉଇକେଟ ୧୮ ଓଭରରେ ୧୬୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ପ୍ରିମିୟର ଲିଗ୍‌ରେ ୧୫ଟି ଲିଗ୍, ୨ଟି ସେମି ଫାଇନାଲ, ଗୋଟିଏ ଲେଜେଣ୍ଡ ଓ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯିବାକୁ ରହିଛି। ସର୍ବମୋଟ ୧୯ ମ୍ୟାଚ ଖେଳାଯିବ। ଫାଇନାଲ ମ୍ୟାଚ ଆସନ୍ତା ୨୨ ତାରିଖରେ ହେବ। ଏଥିରେ ଭାଗ ନେଇଥିବା ଟିମ୍ ଗୁଡିକ ହେଲା କାଳିମେଳା ବୁଲସ ଇଲେଭେନ, ବୈପାରିଗୁଡା ଧଳ ୱାରିଅରସ୍, ମାଲାକନଗିରିର ଖାଲଶା ୱାରିଅରସ୍, ମାଥିଲିର ପାୱାର ହିଟର, ସୁପରକିଙ୍ଗ ଉତ୍ତମ ମଲ୍ଲିକ ୩୬୯ ଏବଂ ଅନ୍ୟଟି ପଡ଼ିଆ ସୁପର କିଙ୍ଗ। ଏହି ଲିଗରେ ଖେଳୁଥିବା ୪ରୁ ୫ଜଣ ଖେଳାଳି ପୂର୍ବରୁ ରଣଜୀ ଟ୍ରଫିରେ ଖେଳି ଦମଦାର ପ୍ରଦର୍ଶନ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଅମ୍ପେୟାର ରୂପେ ଓସିଏର ପ୍ୟାନେଲ ଅମ୍ପେୟାର ସମ୍ବଲପୁରର ସଞ୍ଜୟ ନାୟକ ଓ ମାଥିଲିର ତୁଷାରକାନ୍ତ ପଣ୍ଡା ଦାୟିତ୍ୱ ତୁଲାଇଥିଲେ ।

## ସଂକ୍ଷେପରେ

### ଖବର ପ୍ରକାଶ ପରେ ଭତ୍ତା ପାଇଲେ ହିତାଧିକାରୀ

ଦଶମନ୍ତପୁର,୧୧।୧୨( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତର ଡୁମୁରିଗୁଡ଼ା ଗ୍ରାମରେ ପ୍ରଶାସନ ପହଞ୍ଚି ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଥିବା ୧୦ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଛି। ଭତ୍ତା ଦେବାକୁ ୨ ଜଣଙ୍କ ପ୍ରମାଣପତ୍ର ସଂଗ୍ରହ କରି ନେଇଛି। ଭତ୍ତା ପାଇଥିବା ହିତାଧିକାରୀମାନେ ହେଲେ ଗ୍ରାମର ଭିନ୍ନକ୍ଷମ ସୁବାଇ ସାଉଁନ୍ତା, ବିଧବା ମହିଳା ଧନାଇ ସାଉଁନ୍ତା, ନରସିଂହ ସାଉଁନ୍ତା, ମାଳତି ସାଉଁନ୍ତା, କୁଶ ସାଉଁନ୍ତା, ନାରଙ୍ଗ ସାଉଁନ୍ତା, ୱାଲସୀ ସାଉଁନ୍ତା, ସନା ସାଉଁନ୍ତା, ମନ ସାଉଁନ୍ତା ଏବଂ କମଳା ସାଉଁନ୍ତା। ଏମାନଙ୍କ ଭତ୍ତା ପାଇବା ନେଇ ବୟସ ହୋଇଥିଲେ ମଧ ଏଥିରୁ ବଞ୍ଚିତ ହୋଇଥିଲେ। ଅନେକ ଥର ସେମାନେ ପଞ୍ଚାୟତରେ ଆବେଦନ କରି ବିଫଳ ହୋଇଥିଲେ। ଏନେଇ ଗତ ୧୦ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖୋସଲାଙ୍କ ତତ୍ତ୍ୱାବଧାନରେ ଗାଦିଆଗୁଡା ଯୋଗାଣ ସହାୟକ ଫିରୋଜ ଗରଡ଼ା ଡୁମୁରିଗୁଡାରେ ପହଞ୍ଚି ଭତ୍ତା ଯୋଜନାରେ ସାମିଲ ହୋଇ ନ ଥିବା ହିତାଧିକାରୀଙ୍କୁ ସାମିଲ କରିଥିଲେ। ଗ୍ରାମର ୱାଲସି ସାଉଁନ୍ତା ଏବଂ ଧନାଇ ସାଉଁନ୍ତାଙ୍କ ଆବଶ୍ୟକ ବାର୍ଦ୍ଧକ୍ୟ ପ୍ରମାଣପତ୍ର ସଂଗ୍ରହ କରି ଭତ୍ତା ଦେବା ବ୍ୟବସ୍ଥା କରିଥିଲେ।

### ଅଭିଭାବକ-ଶିକ୍ଷକ ସଂଘ ବୈଠକ

ଦଶମନ୍ତପୁର, ୧୧।୧୨( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ବଦଲିକୁଡୁମାସ୍ଥିତ ସେବାଶ୍ରମ ସ୍କୁଲ ଶ୍ରେଣୀ କକ୍ଷରେ ଅଭିଭାବକ ଓ ଶିକ୍ଷକ ସଂଘ ମଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପରିଡ଼ା ଅଧକ୍ଷତା କରିଥିଲେ। ସ୍କୁଲ ସଭାପତି ପାତ୍ର ଖୋସଲା, ଅଭିଭାବକ ତ୍ରିନାଥ ଖୋସଲା, କୃଷ୍ଣ ବାଘଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଉପସ୍ଥିତ ଶତାଧିକ ଅଭିଭାବକ ବାରମ୍ୱାର ଛାତ୍ରୀଛାତ୍ରଙ୍କୁ ଘରକୁ ନ ନେବା, ସେମାନଙ୍କୁ ପାଠପଢ଼ା, ଖେଳକୁଦ ଭଳି ପ୍ରତିଯୋଗିତା ପାଇଁ ଉତ୍ସାହିତ କରିବା, ଆବଶ୍ୟକ ସମୟରେ ଅଭିଭାବକମାନେ ବିଦ୍ୟାଳୟକୁ ସହଯୋଗ କରିବା, ବିଦ୍ୟାଳୟର ରହିଥିବା ନିୟମ ମାନିବା ଲାଗି ପରାମର୍ଶ ଦେଇଥିଲେ।

### ଚିତ୍ରକୋଣ୍ଡାରେ କଂଗ୍ରେସର ସାଙ୍ଗଠନିକ ବୈଠକ

ଚିତ୍ରକୋଣ୍ଡା,୧୧।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା ପ୍ରଦେଶ କଂଗ୍ରେସ କମିଟି ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକର ଦୁଇଟି ଜୋନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ସଂଗଠନକୁ ମଜବୁତ କରିବାକୁ ଏହି ବୈଠକ କରୁଥିବା ଜଣାପଡିଛି। ଜିଲା ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ କର୍ମୀ ଶରତ ବୁରୁଦା, ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ ଓ ଚିତ୍ରକୋଣ୍ଡା ଜୋନ-୧ର ଜିଲା ପରିଷଦ ସଭ୍ୟା ବିନତି ଖିଲ, ବ୍ଲକ କଂଗ୍ରେସ ସଭାପତି ବିଦେଶୀ ଗୌଡ଼ଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା। ତୃଣମୂଳ ସ୍ତରରୁ କଂଗ୍ରେସ ଦଳକୁ ସୁଦୃଢ଼ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସାଙ୍ଗଠନିକ ସ୍ଥିତି ମଜବୁତ ହୋଇପାରିଲେ ଦଳ ନିର୍ବାଚନରେ ସଫଳତା ପାଇପାରିବ ବୋଲି ଅଧିକାଂଶ କର୍ମୀ ଆଲୋଚନା ବେଳେ କହିଥିଲେ।

# ରାଜ୍ୟସ୍ତରୀୟ ପରବ: ଛାତ୍ରୀଛାତ୍ର ଦେଖାଇଲେ ପ୍ରତିଭା

କୋରାପୁଟ/ଜୟପୁର, ୧୧।୧୨(ସ୍ୱ.ପ୍ର./ନି.ପ୍ର.)

- ହେଲା ୩୧ କାର୍ଯ୍ୟକ୍ରମ, ମୁଖ୍ୟରାସ୍ତା ଲୋକାରଣ୍ୟ
- ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଲକ୍ଷ୍ୟ
- ବିଏସ୍‌ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ

ରାଜ୍ୟସ୍ତରୀୟ ପରବ ଅବସରରେ ରବିବାର କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ସହରରେ ପଥ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ସେମାନଙ୍କ ଲୁକ୍କାୟିତ ପ୍ରତିଭା ଦେଖାଇଛନ୍ତି। ପ୍ରାରମ୍ଭରେ କନିଷ୍ଠ ମହିଳା ମହାବିଦ୍ୟାଳୟ ସମ୍ମୁଖରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସାଇକେଲ ଚାଳନା ପ୍ରତିଯୋଗିତା ହୋଇଥିଲା । ଏହାକୁ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଜିଲା ଉନ୍ନୟନ ପରିଷଦ ଅଧକ୍ଷ ଚନ୍ଦ୍ର ଶେଖର ମାଝି, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ବିଏସଏଫ ଡିଆଇଜି, ଅନ୍ୟ ପଦସ୍ଥ ଅଧିକାରୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ସାଇକେଲ ଚାଳନା ପ୍ରତିଯୋଗିତା ଅବସରରେ ସ୍ଥାନୀୟ ରାମକୃଷ୍ଣ ବିଦ୍ୟାମନ୍ଦିରର ଛାତ୍ର ଅଖିଳେଶ କୁମାର ବେହେରାଙ୍କ ସହ ଅନ୍ୟ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ପରେ ଉତ୍ସବ ଆରମ୍ଭ ହୋଇଥିଲା । ସେଠାରୁ ବାଜା ଓ ନୃତ୍ୟରେ ଅତିଥିମାନଙ୍କୁ ସ୍ୱାଗତ କରି ପଥ ଉତ୍ସବ ମଣ୍ଡପ ଯାଏ ନିଆଯାଇଥିଲା । ଅତିଥିମାନଙ୍କ ସହ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପରବ ପଡିଆରେ ଆଦିବାସୀ, ନୃତ୍ୟ, ଫେଶନ ଶୋ, ଚିତ୍ରକଳା, ଫ୍ୟାନସି ଶୋ , ଝୋଟି, ବଡି ବିଲଡିଂ, ପାଇକ ଆଖଡା ଆଦି ପ୍ରଦର୍ଶିତ ହୋଇଲା। ବିଏସ୍‌ଏଫ୍ ପକ୍ଷରୁ ସେମାନଙ୍କ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ, ଡଗ ଶୋ ହୋଇଥିଲା।

ଜୟପୁରରେ ରବିବାର ଆଦିବାସୀ ଲୋକ ମହୋତ୍ସବ ପରବ ବିଗୁଲ ବାଜିଛି। ରାଜ୍ୟସ୍ତରୀୟ ପରବର ରୌପ୍ୟ ଜୟନ୍ତୀ ଅବସରରେ ଜୟପୁର ପୌରପାଳିକା ଦ୍ୱାରା ପଥ ଉତ୍ସବ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ହୋଇଥିଲା। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉଦ୍ୟମରେ ଏହି ପଥ ଉତ୍ସବ କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ଉପ ଜିଲାପାଳ ବେଦବର ପ୍ରଧାନ, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର ଉପାଧକ୍ଷା ବି. ସୁନୀତା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ଏସଡିପିଆରଓ ଯଶୋଦା ଗାଧବାଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ । ପଥ ଉତ୍ସବ ପାଇଁ ସହର ଚଳଚଞ୍ଚଳ ହୋଇ ଉଠିଥିଲା। ଡ୍ୟାନ୍ସ ଷ୍ଟେଜ, ମ୍ୟୁଜିକାଲ ଚେୟାର, ସାଇନ୍ସ ପାର୍କ, ଆଖଡା,ବାସକେଟ ବଲ, ଦଉଡି ଡିଆଁ, ବାଲିକଳା, ଫେନସି ଡ୍ରେସ, ସ୍ୱଚ୍ଛ ଜୟପୁର, ସେଲଫି ଜୋନ, ଯୋଗ, ବିଏସଏଫ ଆର୍ମିଙ୍କ ଅସ୍ତ୍ରଶସ୍ତ୍ର, ବିନା ଅଗ୍ନିରେ ରୋଷେଇ, ମେହେନ୍ଦି, ଗୀତର ରଙ୍ଗୋଲି ମେଜିକ ଶୋ ଆଦି ହୋଇଥିଲା। ଓଲିଉଡ ଗାୟିକା ଦେବାଂଶି ଦାସ, ଗାୟକ ଅଭିଜିତ ମିଶ୍ର, କଳାକାର ଗୁନଗୁନ ଉପସ୍ଥିତ ଥିଲେ।



କୋରାପୁଟ ଜିଲା ଜୟପୁରରେ ରବିବାର ଅନୁଷ୍ଠିତ ପଥଉତ୍ସବରେ ଉପସ୍ଥିତ ଜନସାଧାରଣ ।



ବିଧାୟକ ତାରାପ୍ରସାଦ ବାହିନୀପତି ପଥୋତ୍ସବ ଦେଖୁଛନ୍ତି।



ଉତ୍ସବରେ ପିଲାମାନେ ଚିତ୍ରାଙ୍ଗନ କରୁଛନ୍ତି ।

### ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣୁଛି ପରବ

କୋରାପୁଟ,୧୧।୧୨(ସ୍ୱ.ପ୍ର.)– ରାଜ୍ୟସ୍ତରୀୟ ପରବ ଉପଲକ୍ଷେ ରବିବାର କୋରାପୁଟଠାରେ ଜିଲାସ୍ତରୀୟ ଆଦିବାସୀ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲା ସାଂସ୍କୃତିକ ପରିଷଦ ମଣ୍ଡପଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ରାଜେନ୍ଦ୍ର ମାଝି ଅତିଥିଭାବେ ଯୋଗଦେଇ ଏହି ସାଂସ୍କୃତିକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲା



ସାଂସ୍କୃତିକ ପରିଷଦ ସଭାପତି ଶିବ ପ୍ରସାଦ ରଥ, ଜିଲା ଉନ୍ନୟନ ପରିଷଦର ଅଧକ୍ଷ ଚନ୍ଦ୍ରଶେଖର ମାଝି ଉପସ୍ଥିତ ରହି ପରବ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣୁଛି ବୋଲି କହିଥିଲେ । ଓଡିଶୀ ନୃତ୍ୟ, ଲୋକ ନୃତ୍ୟ, ଲୋକ ସଙ୍ଗୀତ, ଭଜନ, ଆଦିବାସୀ ସଙ୍ଗୀତ, ବଂଶୀ ବାଦନ, ମହୁରୀ ଆଦି କନିଷ୍ଠ ଓ ବରିଷ୍ଠ ବିଭାଗକୁ ନେଇ ପ୍ରତିଯୋଗିତାମାନ ହୋଇଥିଲା। ଜିଲାର ୧୪ଟି ବ୍ଲକର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

### ତରୁଣ ପ୍ରଜ୍ଞା ଭାରତୀର ବାର୍ଷିକ ଉତ୍ସବ

ଜୟପୁର,୧୧।୧୨ (ନି.ପ୍ର.)– ଜୟପୁରର ତରୁଣ ପ୍ରଜ୍ଞା ଭାରତୀର ଚତୁସ୍ତ୍ରିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ସନ୍ଧ୍ୟା ଫଙ୍କସନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଗଙ୍ଗାଧର ନନ୍ଦଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀର ଓଡିଶୀ ନୃତ୍ୟଶିଳ୍ପୀ ଡ. ଚନ୍ଦନା ରାଉଳ, ସମାଜିକ କର୍ମୀ ଡ. ଜଳେନ୍ଦ୍ର ତ୍ରିପାଠୀ, ଅଧୀକ୍ଷଣ ଯନ୍ତ୍ରୀ ଇଂ. କେଦାରନାଥ ବେହେରା, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ଯଜ୍ଞେଶର ପଣ୍ଡା ସ୍ୱାଗତ ସୂଚନା, ସହସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପତ୍ନତାତ୍ତ୍ୱିକ ଗବେଷକ ଶ୍ରୀରଙ୍ଗ ନାୟକ,ବନବାସୀ ସଙ୍ଗୀତକାର ଗଣେଶ ଚନ୍ଦ୍ର ବିଷୋୟୀ, ବନବାସୀ ସମାଜ ସୁଧାରକ କୁଳମଣି ଜେନା,ଭାରୋତ୍ତଳନରେ ରୌପ୍ୟ ପଦକ ବିଜୟିନୀ ଶୁଭସ୍ମିତା ମହାନ୍ତି, ଆଇନଜୀବୀ ଏସ. ବାବୁରାଓ,ନୀରବ ସାଧକ ପି. ସିମାଞ୍ଚଳମ, ଯୁବ ପ୍ରତିଭା ଅମ୍ରି କୁମାର ପୋଡାଲ ଓ ଚୈତନ୍ୟ ନେମାନୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ୩୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଶାବରୀ ସୁକନ୍ୟା ବିଜୟିନୀ ହୀରା ମାଝି, ସାଇବାଣୀ ୱାଡେକା, ସୁଜୟନ୍ତି ବାଲିଆ, ଭଗବତୀ ଦୁରୁଆ ଓ ଜିମେ କୱାସୀଙ୍କୁ ରୌପ୍ୟ ମୁକୁଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣକୁ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ଉପସଭାପତି ମୀନକେତନ ଦାଶ, ରାମଶଙ୍କର ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ କେ. ତିରୁପତି ପାତ୍ର , ସଂଗଠନ ସମ୍ପାଦିକା ସବିତା ତ୍ରିପାଠୀ, କାର୍ଯ୍ୟକାରିଣୀ ସଭ୍ୟାସଭ୍ୟା ରବୀନ୍ଦ୍ର ମହାରଣା, ଅଜୟ ମଲିକ, ଅନନ୍ତ ବିଜୟ ଧୀବର, ସୁବାସ ଚନ୍ଦ୍ର ପଣ୍ଡା, ପ୍ରମୋଦ ରାଉଳ, କୃଷ୍ଣ କେଶବ ଷଡ଼ଙ୍ଗୀ, ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ।

# ଖୋଲା ଆକାଶ ତଳେ ଗଦା ହୋଇଛି ଧାନ

କୁନ୍ଦୁରା,୧୧।୧୨(ଡି.ଏନ.ଏ.)

- ଆରମ୍ଭ ହେଉନି ମଣ୍ଡି
- ଦଲାଲଙ୍କ ନିକଟରେ ବିକିବାକୁ ବାଧ ହେଉଛନ୍ତି ଚାଷୀ
- ମିଲର୍ସଙ୍କୁ ଢାଲ କରି ଚାଷୀଙ୍କୁ ଶୋଷଣ କରୁଛି ପ୍ରଶାସନ

ଚଳିତ ଖରିଫ ଋତୁ ପାଇଁ ଯେତେ ବିଳମ୍ବରେ ଧାନ ମଣ୍ଡିର ଶୁଭାରମ୍ଭ ହେବ ସେତିକି ଅଧିକ କ୍ଷୁଦ୍ର ଓ ମଧ୍ୟମବର୍ଗର ଚାଷୀ ଦଲାଲଙ୍କ ନିକଟରେ ଧାନ ବିକି ଅଭାବୀ ବିକ୍ରିର ଶିକାର ହେବେ ବୋଲି କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଯୋଗାଣ ବିଭାଗ ଏବଂ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କୁ ଦାୟୀ କରିଛନ୍ତି। ପ୍ରଶାସନ ପକ୍ଷରୁ ଚଳିତ ମାସ ୧୬ରେ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ ହେଉଥିବା ବେଳେ ୧୫ରେ ମଣ୍ଡି ଶୁଭାରମ୍ଭ ନେଇ ତାରିଖ ଘୋଷଣା କରାଯାଇଥିଲା। ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ନେଇ ପରବ ଆୟୋଜିତ ହେଉଥିବା ବେଳେ ଚାଷୀଙ୍କ ଭାବାବେଗକୁ ପ୍ରଶାସନ କୁଠାରାଘାତ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ଏବେ ଖୋଲା ଆକାଶ ତଳେ ବିକ୍ରି ପାଇଁ ଚାଷୀଙ୍କ ଧାନ ପଡିରହିଛି। ଏହାକୁ ଶୀତ କାକରରେ ଚାଷୀ ଜଗି ରହିଛନ୍ତି। ଗତ ଦିନରେ ଚାଷୀ ଅମଳ କରିଥିବା ଖରିଫ ଧାନକୁ ବିହନ ନିଗମ ସ୍ୱୀକୃତି ପ୍ରଦାନ କରି ଚାଷୀ ଠାରୁ କ୍ରୟ କରିଥିବା ବେଳେ ମିଲର୍ସ ସେହି ଧାନକୁ ଖରାପ ଦର୍ଶାଇ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୮/୯ କେଜି ଧାନ କାଟି ଦେଉଥିଲେ। ସ୍ଥାୟୀ ମଣ୍ଡିସ୍ଥଳ ନ ଥିବାରୁ ଅସ୍ଥାୟୀ ମଣ୍ଡିରେ ଧାନ ଗଦେଇ ଚାଷୀ ଏବେ ବର୍ଷା ନେଇ ଚିନ୍ତାରେ ପଡିଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ପ୍ରତି କୁଇଣ୍ଟାଲ ପିଛା ୧୨ ଟଙ୍କା ବୋଝେଇ, ଗଦେଇ, ସିଲେଇ ଖର୍ଚ୍ଚ ଚାଷୀଙ୍କୁ ମଣ୍ଡି ଆରମ୍ଭ ଦିନଠାରୁ ମିଳିନାହିଁ। କୋରାପୁଟ ଜିଲାର ଚାଷୀଙ୍କୁ କିଛି ବର୍ଷ ହେବ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ମିଲର୍ସଙ୍କୁ ଢାଲ କରି ଶୋଷଣ କରୁଥିବା ପ୍ରଧାନ ଅଭିଯୋଗ କରିଛନ୍ତି। ପ୍ରଶାସନ ଜାଣିଶୁଣି ମଣ୍ଡି ଆରମ୍ଭରେ ବିଳମ୍ବ କରିବା ସହ ଏଯାଏ ଚାଷୀଙ୍କ ତାଲିକା ମ୍ୟାସେଜ ମାଧ୍ୟମରେ ପଠାଇନାହିଁ। ଫଳରେ ସେମାନେ କମ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଥିବା ମଞ୍ଚ ସମ୍ପାଦକ ପ୍ରଧାନ ଏବଂ ଜିଲା ଭାଜପା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ରଥ କହିଛନ୍ତି।



ଅସ୍ଥାୟୀ ମଣ୍ଡିରେ ଗଦା ହୋଇଥିବା ଚାଷୀଙ୍କ ଧାନ।

# ବୁଢ଼ାପୁଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ।

ସେମିଳିଗୁଡା/ସୁନାବେଡା, ୧୧।୧୨ (ସ୍ୱ. ପ୍ର)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜପଲମା ପଞ୍ଚାୟତର ବୁଢାପୁଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର, ସହକାରୀ ଶିକ୍ଷା ଅଧିକାରୀ ନବୀନ କୁମାର ପଟ୍ଟନାୟକ, ସରପଞ୍ଚ ମଧୁ ଜାନି, ସମିତିସଭ୍ୟ ସନିଆ ଖିଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିନୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶି କାଟିଆ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ବିଜୟ ଇଡିଂ, ଶରତ ଚନ୍ଦ୍ର ଭତ୍ରା, ଦିଲୀପ ଟାକ୍ରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଂଘକୁ ସବୁ ସୁବିଧା ମିଳିବ:ଏମ୍‌ପି

ମାଲକାନଗିରି/କାଲିମେଳା, ୧୧।୧୨(ଡି.ଏନ.ଏ.)

**ଶହୀଦ ତାମ୍ମାଦୋରା ଆଦିବାସୀ ସଂଘ ପ୍ରତିଷ୍ଠା ଉତ୍ସବ**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଆମ୍ବାଗୁଡା ଗ୍ରାମର ଶହୀଦ ତାମ୍ମା ଦୋରା ଆଦିବାସୀ ସଂଘର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ତାମ୍ମାଦୋରାଙ୍କ ନାମରେ ୨୦୨୦ରେ ଏହି ସଂଘ ଗଠନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ, ପଡିଆ କଲେଜ ଅଧକ୍ଷ ପରମାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ମାନସ ମାଡକାମି, ବ୍ଲକ ଅଧକ୍ଷ ସୁବାସିନି ସୋଡ଼ି, ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଢ଼ି, ସତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା, ଜିଲା ପରିଷଦର ପୂର୍ବତନ ଅଧକ୍ଷ ଦାଶରଥ ପଡିଆମି, ତାମ୍ମା ଦୋରା ଆଦିବାସୀ ସଂଘ ସଭାପତି ଗଙ୍ଗାଧର ସୋଡ଼ି, ସମାଜିକ କର୍ମୀ କାମରାଜ କବାସୀ, ଜିଲା ଆଦିବାସୀ ସଂଘ ସଭାପତି ଘନଶ୍ୟାମ ମାଡକାମି, ତହସିଲଦାର ଟାଇନୁ ଗଣ୍ଡ, କାଲିମେଳା ସରପଞ୍ଚ ପୃଥୀରାଜ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂଘ କାର୍ଯ୍ୟାଳୟଠାରେ ତାମ୍ମାଦୋରାଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଦେବା ମାଡକାମି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ତାମ୍ମାଦୋରାଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସଂଘ ଗଠନର ଆବଶ୍ୟକତା ଉପରେ ମତ ରଖିଥିଲେ। ମାଲାକାନଗିରି ଜିଲା କାଲିମେଳା ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ବସବାସ କରୁଥିବା ଲୋକମାନେ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଛନ୍ତି। ଅଞ୍ଚଳରେ ଶିକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ଦେବା, ସମ୍ବିଧାନ ଉପରେ ସଚେତନ କରିବା, ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବା, ଅନ୍ଧ ବିଶ୍ୱାସ ଓ କୁସଂସ୍କାର କୁ ଦୂର କରିବା, ବାଲ୍ୟ ବିବାହକୁ ଦୂର କରିବା ସଂଘର ଉଦ୍ଦେଶ୍ୟ ବୋଲି ସଭାପତି ସୋଡ଼ି ପ୍ରକାଶ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ତାମ୍ମାଦୋରାଙ୍କ ପାଇଁ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

# ପ୍ରମୁଖ ଶାସନ ସଚିବଙ୍କ କୋଟିଆ ଗସ୍ତ

ପଟ୍ଟାଙ୍ଗି,୧୧।୧୨(ଡି.ଏନ.ଏ.)

- ଜଗନ୍ନାଥଙ୍କୁ ଦର୍ଶନ କରି ମନେ ପକାଇଲେ ପଛକଥା
- ମାଛ, ଷ୍ଟବେରି ଚାଷ ବୁଲି ଦେଖିଲେ
- ପଞ୍ଚାୟତ କାର୍ଯ୍ୟାଳୟରେ ପାରିପାର୍ଶ୍ୱିକ ସ୍ଥିତି ପରଖିଲେ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତକୁ ରବିବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଗସ୍ତ କରି ଫେରିଛନ୍ତି। ଏହି ଅବସରରେ ସେ ଉତ୍ପାଦକ ଗୋଷ୍ଠୀଙ୍କ ଝାଡୁ ଓ ହୋଇଥିବା ମାଛଚାଷ ପରିଦର୍ଶନ କରିଥିଲେ। ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସିଥିବା ପାଢୀ ଭୁବନେଶ୍ୱର ଫେରିଯିବା ବାଟରେ କୋଟିଆ ପଞ୍ଚାୟତ ଗସ୍ତ କରି ଏଠାରେ ଥିବା ପୁରାତନ ଜଗନ୍ନାଥ ମନ୍ଦିରକୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ସେଠାରୁ ବାହାରି ପଞ୍ଚାୟତର ମହିଳାମାନଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଝାଡୁ ତିଆରି କରିବା ପାଇଁ ଯୋଗାଇ ଦିଆଯାଇଥିବା ଗୃହ ଏବଂ ସହାୟତା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ମହିଳାମାନେ ତିଆରି କରୁଥିବା ଝାଡୁର ଯେପରି ପ୍ରକୃତ ମୂଲ୍ୟ ପାଆନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ବିଡ଼ିଓ ସୌମ୍ୟ ସାର୍ଥକ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ଯାଇ ସଚିବ ପାଢୀ ତଳ ଗଞ୍ଜେଇପଦର ଗ୍ରାମରେ ଜିଲା ପ୍ରଶାସନ ସହାୟତାରେ ହେଉଥିବା ମାଛ ଚାଷ ପରିଦର୍ଶନ କରିଥିଲେ। ଚାଷୀଙ୍କୁ ମାଛଚାଷ ଉପରେ ଅଧିକରୁ ଅଧିକ କିପରି ପ୍ରୋତ୍ସାହନ ମିଳିବ ସେନେଇ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଜାନିଗୁଡା ଗ୍ରାମରେ ହୋଇଥିବା ଷ୍ଟବେରି ଚାଷ ବୁଲି ଦେଖିଥିଲେ। ଏହି ଚାଷରେ ହେଉଥିବା ଲାଭକ୍ଷତି ସମ୍ପର୍କରେ ସେ ଚାଷୀମାନଙ୍କ ସହ ଆଲୋଚନା କର ଏନେଇ ଆବଶ୍ୟକ ପଡୁଥିବା ଯେକୌଣସି ସହାୟତା ନିଶ୍ଚିତ ରୂପେ ଚାଷୀଙ୍କୁ ଯୋଗାଇ ଦେବାକୁ କହିଥିଲେ। ପରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ପାଢୀ ଧୂଳିପଦର, ନେରିଡିବାଲସା ହୋଇ ଆନ୍ଧ୍ର ଦେଇ ବ୍ରହ୍ମପୁର ଅଭିମୁଖେ ଚାଲି ଯାଇଥିଲେ । ରାଜ୍ୟ ପ୍ରମୁଖ ଶାସନ ସଚିବ ପାଢ଼ୀଙ୍କ ଗସ୍ତ ସମୟରେ ଏପିଓ ସୌମେନ୍ଦ୍ର ନାୟକ, ଏଇ ବିଶ୍ୱନାଥ ମାଦଲି, ପ୍ରୋଭିଜନାଲଆଇଏଏସ୍ ପି.ଅରଭିନ୍ଦଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଏହି ଅବସରରେ ଏନଜିଓ ସହାୟତାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା।



ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ସ୍ୱୟଂସହାୟକ ଗୋଷ୍ଠୀର ପ୍ରସ୍ତୁତ ଝାଡୁ ଦେଖୁଛନ୍ତି ।

